# ଅନିଶ୍ଚିତତାରେ ମୂର୍ତ୍ତି କାରିଗର



କାରିଗରମାନେ ତିଆରି କରିଥିବା ଗଣେଶ ମୂର୍ତ୍ତି।

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୨୫।୭**

## ଆସୁଛି ପାର୍ବଣ ଋତୁ

ଆସୁଛି ପାର୍ବଣ ଋତୁ। ପ୍ରଥମେ ଖୁଦୁରୁକୁଣୀ ପରେ ଗଣେଶ, ବିଶ୍ୱକର୍ମା, ଦୁର୍ଗାପୂଜା, ଗଜଲକ୍ଷ୍ମୀ, କାର୍ତ୍ତିକେଶ୍ୱର, ସରସ୍ୱତୀ, ମନୀଷା ଦେବୀ, କାଳୀପୂଜା ଅନୁଷ୍ଠିତ ହେବ। ଏହି ସମୟକୁ ଅପେକ୍ଷା କରି ରହିଥାନ୍ତି ମୂର୍ତ୍ତି କାରଗିରମାନେ। ୩ ମାସ ପୂର୍ବରୁ ଦିନରାତି ଏକ କରି ସେମାନେ ପ୍ରସ୍ତୁତି ଆରମ୍ଭ କରିଦେଇଥାନ୍ତି। ହେଲେ ଏବେ ମହାମାରୀ କରୋନା ସଂକ୍ରମଣ ଭୟରେ ବହୁ ପର୍ବପର୍ବାଣି ବନ୍ଦ କରାଯାଇଛି। ଆଗକୁ ଏହି ପୂଜା କିପରି ପାଳନ ହେବ, ମୂର୍ତ୍ତି ବିକ୍ରି ହେବ କି ନାହିଁ ସେନେଇ କାରିଗରମାନେ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ବେଉସାକୁ ବଞ୍ଚାଇ ଜୀବିକା ନିର୍ବାହ କରିବା ସେମାନଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି।

ବିଶେଷ କରି ଅଗଷ୍ଟରୁ ମୂର୍ତ୍ତି ବ୍ୟବସାୟ ଆରମ୍ଭ ହୋଇଥାଏ। ବିଶେଷ କରି ଏଥିପାଇଁ ୪ମାସ ପୂର୍ବରୁ ଅର୍ଥାତ୍ ଦୋଳପୂର୍ଣ୍ଣିମାଠାରୁ ପ୍ରସ୍ତୁତ ହୋଇଥାନ୍ତି କାରିଗର। ମୂର୍ତ୍ତି ପାଇଁ ନଡ଼ା, ପଟା, ସୂତୁଲି, କଣ୍ଟା, ଅଠା, ରଙ୍ଗ, ମାଟି, ଝୋଟ, ବାଲି ଓ କପଡ଼ା ଆଦି ସଂଗ୍ରହ କରିବାକୁ ପଡ଼ିଥାଏ। ଚଳିତବର୍ଷ କରୋନା କଟକଣା ବାଧକ ସାଜିଛି। ମୂର୍ତ୍ତି ନିର୍ମାଣ ଏବେସୁଦ୍ଧା ଆରମ୍ଭ ହୋଇନାହିଁ। କାରିଗରମାନେ ବାର୍ଷିକ ୩ଲକ୍ଷରୁ ୫ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି। ଚଳିତବର୍ଷ ଏହି ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦା ଦେଖାଦେଇଛି। କାରିଗରମାନେ ନିଜ ପରିବାର ଭରଣପୋଷଣ ପାଇଁ ବେଉସାକୁ ଛାଡ଼ି ଅନ୍ୟ ବ୍ୟବସାୟ କରିବାକୁ ମନସ୍ଥ କରି ସମୟକୁ ଅପେକ୍ଷା କରିଛନ୍ତି।

ବାଲେଶ୍ୱର ଜିଲାରେ ପାଖାପାଖି ୧୬୦୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି କାରିଗର ରହିଛନ୍ତି। କେବଳ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଅଞ୍ଚଳର କାରିଗର ରାଜ୍ୟ ତଥା ରାଜ୍ୟ ବାହାରେ ମୂର୍ତ୍ତି ତିଆରି କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏବେ କରୋନା କଟକଣା ଯୋଗୁ କାରିଗରମାନେ ନିରାଶ ହୋଇ ସମୟକୁ ଅପେକ୍ଷା କରି ରହିଛନ୍ତି।



ମହାମାରୀ କରୋନା ଯୋଗୁ ଏବେ ଦୁର୍ଦ୍ଦିନ ମଧ୍ୟରେ କାଳାତିପାତ କରିବାକୁ ପଡୁଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରେ ତଥ୍ୟ ନ ଥିବାରୁ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛୁ। ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ ମଧ୍ୟ ପାର୍ବଣ ଋତୁ ସେମାନଙ୍କ ପାଇଁ ବଞ୍ଚିବାରେ ସହାୟକ ହୋଇଥାଏ। ଚଳିତବର୍ଷ ମହାମାରୀ କରୋନାର କରାଳ ରୂପ ଏହାକୁ ଛଡ଼ାଇ ନେଇଛି। ୨୦୦ରୁ ଊର୍ଦ୍ଧ୍ୱ କାରିଗର ଓ ୪୨ଜଣ ସହଯୋଗୀ (ବରିଷ୍ଠ ଶିଳ୍ପୀ) ହାତବାନ୍ଧି ଘରେ ବସିଛନ୍ତି। ସାର୍ବଜନୀନ ମଣ୍ଡପ କିମ୍ବା ଘରୋଇ ମେଢ଼ ଲାଗି ବରାଦ ଆସୁନାହିଁ। ନାନା ଆଶଙ୍କା ମଧ୍ୟରେ ବଞ୍ଚିବାକୁ ପଡୁଛି।

**ସୁନୀଲ କୁମାର କର, ବରିଷ୍ଠ ମୂର୍ତ୍ତି କାରିଗର**



ପାର୍ବଣ ଋତୁରେ ବିଭିନ୍ନ ଦେବଦେବୀଙ୍କ ମାଟି ମୂର୍ତ୍ତି ତିଆରି କରି ପରିବାର ଭରଣପୋଷଣ କରିଥାଉ। ନିଜ ସାନଭାଇ ସହ ମୂର୍ତ୍ତିର ଅଗ୍ରିମ ଅନୁସାରେ ୩ରୁ ୪ ଜଣ ସ୍ଥାନୀୟ ପିଲାଙ୍କୁ ଧରି ଜିଲାର ବିଭିନ୍ନ ସ୍ଥାନରେ କାମ କରିବାକୁ ଯାଇଥାଉ। ପାର୍ବଣ ଋତୁରେ ୪ରୁ ୫ଲକ୍ଷ ଟଙ୍କା ରୋଜଗାର କରି ବାର୍ଷିକ ପରିବାର ଭରଣପୋଷଣ କରିଥାଉ। ଚଳିତବର୍ଷ କରୋନା ପ୍ରଭାବରେ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଶେଷରେ ଛୋଟ ଛୋଟ ଗଣେଶ, ବିଶ୍ୱକର୍ମା ଭଳି ମୂର୍ତ୍ତି ତିଆରି କରି ବିକ୍ରି କରିବାକୁ ଚିନ୍ତା କରୁଛୁ।

**ଜୟଦେବ ବେହେରା, କାରିଗର**



ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଲୋକନୃତ୍ୟ/ସଙ୍ଗୀତ, ଶାସ୍ତ୍ରୀୟନୃତ୍ୟ/ସଙ୍ଗୀତ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସ୍ଥପତି, ପାଇକ ଆଖଡ଼ା କଳାକାର, ଅଭିନେତା,ଅଭିନେତ୍ରୀ, ଯାତ୍ରାକଳାକାର ଓ ଜନଜାତି କଳାକାରଙ୍କୁ ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ୧୫୦୦ ହିତାଧିକାରୀଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଉଛି। କିନ୍ତୁ ମୂର୍ତ୍ତିକାରିଗର ସରକାରୀ ନିୟମ ଅନୁସାରେ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି କିମ୍ବା ସେମାନଙ୍କ ପକ୍ଷରୁ କୌଣସି ଆବେଦନପତ୍ର ମିଳି ନାହିଁ। ସରକାରଙ୍କ ନିର୍ଦ୍ଦେଶ ମିଳିଲେ ମୂର୍ତ୍ତି ଶିଳ୍ପୀମାନଙ୍କୁ ଚିହ୍ନଟ କରାଯିବ।

**ମନସ୍ୱିନୀ ରାଉତ, ସଂସ୍କୃତି ବିଭାଗ ଜିଲା ଅଧିକାରୀ**

## ସଂକ୍ଷେପରେ

### ଗୋବିନ୍ଦପୁର ପଞ୍ଚାୟତ ୭୨ ଘଣ୍ଟା ଶଟ୍‌ଡାଉନ୍

**ଧାମନଗର,୨୫।୭(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ବାହାରେ ବୁଲି ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିବାରୁ ସରପଞ୍ଚ ନିଜ ପଞ୍ଚାୟତକୁ ୭୨ ଘଣ୍ଟା ପାଇଁ ଶଟ୍ ଡାଉନ କରିଛନ୍ତି।

### ଧରାପଡ଼ିଲେ ଫେରାର ଆଜୀବନ କଏଦୀ

**ରାଇରଙ୍ଗପୁର,୨୫।୭(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍ ଜେଲ୍‌ରେ ଅଜୀବନ ସଜା କାଟୁଥିବା ଜଣେ କଏଦୀ ଶୁକ୍ରବାର ଚିକିତ୍ସା ପାଇଁ ଯାଇଥିବା ବେଳେ ଜେଲ୍ କର୍ମଚାରୀଙ୍କୁ ଚକ୍‌ମା ଦେଖାଇ ଚମ୍ପଟ ମାରିଥିଲେ। ଶନିବାର ସନ୍ଧ୍ୟାରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରେହେଡ଼ାକୋଚା ଗ୍ରାମ ରାସ୍ତାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଧରିବାରେ ସଫଳ ହୋଇଛନ୍ତି। କଏଦୀ ଜଣକ ହେଲେ ତିରିଂ ଥାନା ଅଞ୍ଚଳର ଡମାନ ମାରାଣ୍ଡି। ୨୦୧୩ରେ ଏକ ହତ୍ୟା ମାମଲାରେ ସେ କୋର୍ଟ ଚାଲାଣ ହୋଇଥିଲେ। ୨୦୧୬ରେ ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରା ଜଜ୍ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଶୁକ୍ରବାର ବାରିପଦାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରୁ ଫେରିବା ବେଳେ ସନ୍ଧ୍ୟା ୫ଟା ସମୟରେ ବିଶୋଇ ଥାନା ଅଧୀନ କୁନ୍ଦୁଳିଆ ଗ୍ରାମ ନିକଟରେ ଶୌଚ ହେବା ବାହାନାରେ ଗାଡ଼ିରୁ ଓହ୍ଲାଇ ଫେରାର ହୋଇଯାଇଥିଲେ। ଏନେଇ ଜେଲ୍ କନଷ୍ଟେବଲ ଜିତେନ୍ଦ୍ର ମାରାଣ୍ଡି ଥାନାରେ ଅଭିଯୋଗ କରିଥିଲେ।

### ଅନ୍‌ଲାଇନ୍ ଠକେଇ, ୩.୪୦ ଲକ୍ଷ ଗାଏବ

**ଖଇରା,୨୫।୭(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଣପାରିଆ ଗ୍ରାମର ଗଜେନ୍ଦ୍ର ପଲେଇଙ୍କ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରୁ ସାଇବର ଅପରାଧୀମାନେ ୩ଲକ୍ଷ ୪୦ ହଜାର ଟଙ୍କା ଉଠାଇ ନେଇଛନ୍ତି। ଏନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଶନିବାର ଅପରାହ୍ନରେ ଏକ ଅଜଣା ନମ୍ବରରୁ ଗଜେନ୍ଦ୍ରଙ୍କ ମୋବାଇଲ୍‌କୁ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ଜଣକ ବ୍ୟାଙ୍କ ଜମା ବିଳମ୍ବ ନେଇ କାରଣ ପଚାରିଥିଲେ। ଏଥି ସହ ବିଭିନ୍ନ ତଥ୍ୟ ପଚାରିବା ଆଳରେ ଗଜେନ୍ଦ୍ରଙ୍କଠାରୁ ଏଟିଏମ୍ କାର୍ଡ ସହିତ ପିନ୍ ନମ୍ବର ହାସଲ କରି ନେଇଥିଲେ। ତେବେ ଠକ ଜଣକ ଅଧ ଘଣ୍ଟାଏ ମଧ୍ୟରେ ଗଜେନ୍ଦ୍ରଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଥିଲେ।

### ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

**ପଦ୍ମପୁର,୨୫।୭(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଶାଶୁଭୁଆଶୁଣି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଚିନ୍ମୟୀ ପଣ୍ଡାଙ୍କୁ କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ପ୍ରକଳ୍ପ ନିର୍ଦ୍ଦେଶକ ନିଲମ୍ବନ କରିଛନ୍ତି। ଏନେଇ ଚିଠି ନଂ.୩୫୫/୨୪।୭।୨୦ରେ ତାଙ୍କୁ ଚାନ୍ଦବାଲି ବ୍ଲକରେ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରରେ ରହି ଫେରିଥିବା ପ୍ରବାସୀଙ୍କୁ ସରକାରୀ ପ୍ରୋତ୍ସାହନ ରାଶି ୨ ହଜାର ଟଙ୍କା ବଦଳରେ ପିଇଓ ପଣ୍ଡା ୧୯ଶହ ଟଙ୍କା ବାଣ୍ଟୁଥିବା ଏକ ଭିଡିଓ ଭାଇରାଲ୍ ହୋଇଥିଲା। ଏ ସଂକ୍ରାନ୍ତରେ ବିଡ଼ିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ଅଭିଯୋଗର ସତ୍ୟତା ଥିବା ସ୍ୱୀକାର କରିବା ସହ ଘଟଣାର ତଦନ୍ତ ହେଉଛି ବୋଲି କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ

**ଯୋଡ଼ା ୨୫।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଲମ୍ବେ ମୁଣ୍ଡା। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଲମ୍ବେ ମୁଣ୍ଡା ଗତ ୪ ମାସ ପୂର୍ବେ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରି ଅନ୍ତଃସତ୍ତ୍ୱା କରିଥିଲେ। ଏହି ଘଟଣା ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ବଳାତ୍କାର ମାମଲା (ନଂ.୯୭/୨୦୨୦) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

**ପଦ୍ମପୁର, ୨୫।୭(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପୁରୁଷୋତ୍ତମପୁର ଗ୍ରାମର ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ କଷିଆ ସାମୁଦ୍ରିକ ପୋଲିସ ପୁରୁଷୋତ୍ତମପୁର ଗ୍ରାମର ବସନ୍ତ ସାହୁଙ୍କୁ ଗିରଫ କରିଛି। ଏନେଇ ଥାନାରେ ମାମଲା (ନଂ.୩୦/୨୦) ରୁଜୁ ହୋଇଛି। ବସନ୍ତ ଗଦେଇବିନ୍ଧା ଗ୍ରାମର ସୁରେନ୍ଦ୍ର ମହାଲିକଙ୍କ ଝିଅ ବନିତାଙ୍କୁ ୨୦୧୯ ଜାନୁୟାରୀରେ ପ୍ରେମବିବାହ କରିଥିଲେ। ପରେ ପରିବାର ଲୋକେ ଅଧିକ ଯୌତୁକ ଦାବି କରି ବନିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏହାପରେ ବନିତା ସ୍ୱାମୀ ଘର ଛାଡ଼ି ବାପଘରେ ରହିଆସୁଛନ୍ତି।

## ବାଡି ଧରି ଜଗିଛନ୍ତି ଅଙ୍ଗନୱାଡି, ଆଶାକର୍ମୀ

**ଭଦ୍ରକ ଅଫିସ, ୨୫।୭**

ଭଦ୍ରକ ଜିଲାରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି। ଶୁକ୍ରବାର ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୪୮୪ ଛୁଇଁଥିବା ବେଳେ ୨ ଜଣଙ୍କ ମୃତ୍ୟୁ ହୋଇସାରିଛି। ଏହାକୁ ଦୃଷ୍ଟିରେ ରଖି ଜିଲାରେ ସଂକ୍ରମଣ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପୌରାଞ୍ଚଳ, ସହରାଞ୍ଚଳ ଓ ବ୍ଲକ ମୁଖ୍ୟାଳୟରେ ଲକ୍ ଡାଉନ କଟକଣା କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଲୋକଙ୍କୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିବା ଓ ଏଥିଲାଗି ଘରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବାକୁ ସଚେତନତା କରିବା ପାଇଁ ଜିଲାର ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତରେ ଅଭିନବ ଉପାୟରେ ସଚେତନତାରେ ଲାଗି ପଡ଼ିଛନ୍ତି ଅଙ୍ଗନୱାଡ଼ି ଓ ଆଶା କର୍ମୀ। ସଚେତନ କରିବା ପାଇଁ ନିଆରା ଢଙ୍ଗରେ ଠେଙ୍ଗା ଧରି ରାସ୍ତାରେ ଜଗିଛନ୍ତି। ଯେଉଁମାନେ ବାହାରକୁ ଆସୁଛନ୍ତି ଓ ମାସ୍କ ପିନ୍ଧି ନ ଥିବା ନଜର ଆସୁଛନ୍ତି ଅଙ୍ଗନୱାଡ଼ି କର୍ମୀ ସଂଯୁକ୍ତା ପାଣିଗ୍ରାହୀ ଓ ଆଶାକର୍ମୀ ସବିତା ବେଜ୍ ସେମାନଙ୍କୁ ଠେଙ୍ଗା ଦେଖାଇ ତାଗିଦ୍ କରୁଛନ୍ତି। ଏହା ସହ ଲୋକଙ୍କୁ ମାସ୍କ ପିନ୍ଧିବା ପାଇଁ କହୁଛନ୍ତି। କିଛିଦିନ ହେଲା ସଂଯୁକ୍ତା ଓ ସବିତା ଏଭଳି ଢଙ୍ଗରେ ଲୋକଙ୍କୁ ସଚେତନ କରୁଛନ୍ତି। ଲୋକମାନେ ମଧ୍ୟ ଏମାନଙ୍କୁ ଦେଖିବା ମାତ୍ରେ ସାବଧାନ ହୋଇଯାଉଛନ୍ତି, ଆଉ ମାସ୍କ ପିନ୍ଧୁଛନ୍ତି।



ରାସ୍ତାରେ ଆଶା କର୍ମୀ ବାଡି ଧରି ଜଗିଛନ୍ତି।

କରୋନା ସଂକ୍ରମଣକୁ ରୋକିବା ପାଇଁ ମାସ୍କ ପିନ୍ଧିବା ବାଧ୍ୟତା ମୂଳକ କରିଛନ୍ତି ସରକାର। ଯେଉଁମାନେ ମାସ୍କ ପିନ୍ଧୁ ନାହାନ୍ତି ସେମାନଙ୍କ ନିକଟରୁ ଫାଇନ ମଧ୍ୟ ଆଦାୟ ହେଉଥିବା ନଜର ଆସିଛି। ଏହିଭଳି ଅଭିନବ ଉପାୟକୁ ଦେଖି ସ୍ଥାନୀୟ ସରପଞ୍ଚ ପ୍ରଦୀପ ପଣ୍ଡା ବେଶ ପ୍ରଶଂସା କରିଛନ୍ତି।

## ବାଲେଶ୍ୱରରେ ସଂକ୍ରମିତଙ୍କ ସଂଖ୍ୟା ୮ଶହ ଟପିଲା

**ବାଲେଶ୍ୱର ଅଫିସ/ ଭଦ୍ରକ ଅଫିସ/ କେନ୍ଦୁଝର, ୨୫।୭(ସ୍ୱ.ପ୍ର.)**

ଉତ୍ତରଓଡ଼ିଶାରେ ଶନିବାର ଆଉ ୭୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ବାଲେଶ୍ୱର ୨୩, ଭଦ୍ରକ ୨୮ ଓ କେନ୍ଦୁଝରରେ ୨୫ ସଂକ୍ରମିତ ଅଛନ୍ତି। ବାଲେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୦୮ ଛୁଇଁଥିବା ବେଳେ ଭଦ୍ରକରେ ୫୧୨ ଓ କେନ୍ଦୁଝରରେ ୫୦୮ ହୋଇଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପ୍ରଶାସନ ଲାଗି ମୁଣ୍ଡବ୍ୟଥାର କାରଣ ହୋଇଛି। ବାଲେଶ୍ୱର ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୫ଜଣ କ୍ୱାରାଣ୍ଟାଇନ୍ ସେଣ୍ଟର ଓ ୧୮ଜଣ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି। ୬୦୬ଜଣ ସୁସ୍ଥ ହୋଇ ଫେରିଛନ୍ତି। ୨ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି। ଆଉ ୨ଜଣ ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେହିପରି ଭଦ୍ରକରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୦ ସଙ୍ଗରୋଧ କେନ୍ଦ୍ରରୁ ଓ ୧୮ ସ୍ଥାନୀୟ ସଂକ୍ରମଣ ବୋଲି କୁହାଯାଇଛି। ୨ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।




ଜିଲାପାଳ ଜ୍ଞାନରଞ୍ଜନ ଦାସ କୋଭିଡ କେୟାର ସେଣ୍ଟର ପରିଦର୍ଶନ କରୁଛନ୍ତି।

## ଜିଲାପାଳଙ୍କ କୋଭିଡ୍ ସେଣ୍ଟର, ହସ୍ପିଟାଲ ପରିଦର୍ଶନ

**ଭଦ୍ରକ ଅଫିସ,୨୫।୭**

ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଜିଲାର ବିଭିନ୍ନ କୋଭିଡ କେୟାର ସେଣ୍ଟର, ଟିଏମ୍‌ସି ଓ ଜିଲା କୋଭିଡ ହସ୍ପିଟାଲ ପରିଦର୍ଶନ କରି ଅନ୍ତେବାସୀ ମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବିଶେଷ ଭାବେ ଜିଲା କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଆକ୍ରାନ୍ତଙ୍କ ଖାଦ୍ୟପେୟ ସମ୍ପର୍କରେ ପଚାରି ବୁଝିବା ସହିତ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରନ୍ଧାଖାଦ୍ୟକୁ ମଧ୍ୟ ଦେଖିଥିଲେ। ଧାମନଗର ଦୋବଲ ମୁସ୍‌ଲିମ୍‌ସାହିର ଜଣେ ସଂଖ୍ୟାଲଘୁ ଅଙ୍ଗନୱାଡି କର୍ମୀ ସକିଲା ବେଗମ ଓ ତାଙ୍କ ପରିବାର ସଦସ୍ୟ ମାସ୍କ ତିଆରି କରି ଗରିବ ଲୋକଙ୍କୁ ମାଗଣାରେ ବଣ୍ଟନ କରୁଥିବା ନେଇ ସନ୍ତୋଷ ପ୍ରକଟ କରିଥିଲେ। ଜିଲାପାଳ ଡ. ଦାସ ଜିଲାର ସମସ୍ତ ଟିଏମ୍‌ସି, କୋଭିଡ କେୟାର ସେଣ୍ଟରରେ ରହୁଥିବା ଅନ୍ତେବାସୀମାନଙ୍କର ଯେପରି କୌଣସି ଅସୁବିଧା ନ ହେଉ, ସେ ନେଇ ନୋଡାଲ ଅଫିସରମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହିତ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ସରପଞ୍ଚ, ବିଡିଓ ମଧ୍ୟ ସାମିଲ ଥିଲେ।

## ଧାନ ପରେ ପଇସା ଗଲା, ଚାଷୀ ମୁଣ୍ଡରେ ଚଡ଼କ

**କେନ୍ଦୁଝର,୨୫।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଅଞ୍ଚଳରେ ୬୮ଜଣ ଚାଷୀଙ୍କ ଧାନ ବିକ୍ରି ଅର୍ଥ ହଡ଼ପ ହୋଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସରକାରଙ୍କ ନିର୍ଦ୍ଧାରିତ ଟୋକନ ବ୍ୟବସ୍ଥାରେ ଚାଷୀ ଧାନ ବିକି ରଶିଦ ପାଇଥିଲେ। ଏହା ସତ୍ତ୍ୱେ ଦୀର୍ଘ ୪ମାସ ହେଲା ଏହି ଚାଷୀମାନେ ଧାନ ବାବଦକୁ ୭୨,୧୬ ,୭୯୦ ଟଙ୍କା ପାଇ ନ ଥିବାରୁ ଚିନ୍ତାରେ ରହିଛନ୍ତି। ଏନେଇ ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳ ତଥା ସରକାରଙ୍କ ନିକଟରେ ଦାବି ଜଣାଇଥିଲେ ହେଁ ଚାଷୀଙ୍କୁ ପଇସା ମିଳୁନାହିଁ। ଗତ ମାର୍ଚ୍ଚ ୨୨ରେ ଲକ୍‌ଡାଉନ ଘୋଷଣା ପାଇଁ ଧାନ କିଣା ବନ୍ଦ କରିଦିଆଯାଇଥିବାରୁ ବହୁ ଚାଷୀ ଧାନ ବିକି ପାରି ନ ଥିଲେ। ମାର୍ଚ୍ଚ ୨୬ରେ କିପରି ବେପାରୀଙ୍କଠାରୁ ଧାନ କିଣାଯାଇ ପଇସା ଦିଆଗଲା ତାହାର ତଦନ୍ତ କରିବାକୁ ଚାଷୀମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ଗତ ନଭେମ୍ବରରୁ ଖରିଫ ଋତୁ ଧାନ କିଣା ଆରମ୍ଭ ହୋଇଥିଲା। ଏଥିପାଇଁ ଚାଷୀମାନେ ନାମ ପଞ୍ଜୀକରଣ କରିଥିଲେ। ଟୋକନ ପାଇବା ପରେ ଚାଷୀ ଧାନ ନେଇ ଲ୍ୟାମ୍ପସ ବା ଧାନ କ୍ରୟ କେନ୍ଦ୍ରରେ ବିକିଥିଲେ। ଧାନ କିଣା ବାବଦକୁ ସେମାନଙ୍କୁ ରଶିଦ ମଧ୍ୟ ମିଳିଛି। କିନ୍ତୁ ବ୍ୟାଙ୍କ ଖାତାରେ ଧାନର ମୂଲ୍ୟ ବାବଦକୁ ଅର୍ଥ ଜମା ନ ହେବାରୁ ଚିନ୍ତା ବଢ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି। ମିଲରମାନେ ସେମାନଙ୍କ ଟୋକନରେ କମ୍ ଦାମରେ ଚାଷୀଙ୍କଠାରୁ କିଣିଥିବା ଧାନକୁ ବିକି ମାଲାମାଲ ହୋଇଥିବା ବେଳେ କଠିନ ପରିଶ୍ରମ କରି ଧାନଚାଷ କରିଥିବା ଚାଷୀ ଧାନ ବିକି ସେ ବାବଦକୁ ମୂଲ୍ୟ ନ ପାଇବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ବହୁ ଚାଷୀ କହିଛନ୍ତି। ଏଭଳି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦୁଝର ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ କହିଛନ୍ତି ଯେ, ଲକ୍‌ଡାଉନ୍ ପାଇଁ ଧାନ କିଣା ହଠାତ୍ ବନ୍ଦ ହୋଇଯିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ତେବେ ସରକାରୀ ସ୍ତରରେ ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯିବ। ଧାନକିଣାରେ କୌଣସି ଅନିୟମିତତା ହୋଇନାହିଁ। ତେବେ ଲକ୍‌ଡାଉନ ପରେ ଧାନ କିଣା ହୋଇନାହିଁ କିମ୍ବା ପଇସା ପଇଠ ମଧ୍ୟ ହୋଇନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ସରଡ଼ିହାରେ ହାତୀପଲଙ୍କ ଉତ୍ପାତ

### ନଷ୍ଟ କଲେ ଧାନତଳି, ପରିବା ଚାଷ

**ବସ୍ତା, ୨୫।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ୪ଦିନ ପୂର୍ବରୁ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ଗ୍ରାମରେ ହାତୀପଲ ଉତ୍ପାତ କରିବା ସହିତ ବ୍ୟାପକ ନଷ୍ଟ କରୁଥିବା ଦେଖିବାକୁ ମିଳିଥିଲା। ମୟୂରଭଞ୍ଜ ବନବିଭାଗ ପକ୍ଷରୁ ଘଉଡ଼ାଇ ଦିଆଯିବା ପରେ ଏହି ହାତୀପଲ ଏବେ ବାଲେଶ୍ୱର ଜିଲା ସୀମାନ୍ତ ଗ୍ରାମ ମଧ୍ୟକୁ ପ୍ରବେଶ କରିଛନ୍ତି। ଶୁକ୍ରବାର ରାତିରେ ହାତୀପଲ ମୟୂରଭଞ୍ଜ ସୀମାନ୍ତ ଗ୍ରାମ କମାରଡିହା ପଞ୍ଚାୟତର ମଣ୍ଡାଭାଟି ଗ୍ରାମଦେଇ ପଶି ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତର ସରଡିହା ଗ୍ରାମ ନିକଟରେ ରହିଛନ୍ତି। ଶନିବାର ସକାଳେ ସେମାନେ ଏହି ପଞ୍ଚାୟତର ସରଡିହା, ନାଭ, ପାଇକପଡ଼ା ଗ୍ରାମର ଚାଷ ହୋଇଥିବା ଧାନ ଜମିକୁ ନଷ୍ଟ କରିବା ସହିତ ପରିବା ଚାଷକୁ ନଷ୍ଟ କରିଛନ୍ତି। ହତୀପଲରେ ୧୧ଟି ହାତୀଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇଟି ଛୁଆ ହାତୀ ଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଘଉଡ଼ାଇବାକୁ ଚେଷ୍ଟା କଲେ ମଧ୍ୟ ସେମାନେ ଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ଖବରପାଇ ବାଲେଶ୍ୱର ବନ ବିଭାଗ ପକ୍ଷରୁ ଫରେଷ୍ଟର ବିବେକାନନ୍ଦ ଜେନାଙ୍କ ସମେତ ବନ କର୍ମଚାରୀ ହାତୀପଲ ରହୁଥିବା ଅଞ୍ଚଳରେ ଜଗିରହି ହାତୀଙ୍କ ଗତିବିଧି ଉପରେ ଦୃଷ୍ଟି ରଖିଛନ୍ତି। ହାତୀମାନେ ଲୋକଙ୍କୁ ଦେଖି ଗୋଟିଏ ଜାଗାରେ ଛିଡ଼ା ହୋଇ ରହୁଥିବା ବେଳେ ରାତିରେ ସେମାନେ ବ୍ୟାପକ କ୍ଷତି କରୁଛନ୍ତି।



ହାତୀପଲ ଧାନତଳି ନଷ୍ଟ କରୁଛନ୍ତି।

